[2009] 1 ଏସ୍ . ସି . ଆର୍ 879

ଏ. ୟୁ. କୁରେଶି

ବନାମ

ଗୁଜରାଟ ଉଚ୍ଚ ନ୍ୟାୟାଳୟ ଏବଂ ଅନ୍ୟଜଣେ

( ଦେୱାନୀ ଆବେଦନ ସଂଖ୍ୟା 472/2009 )

ଜାନୁଆରୀ 27,2009

**[ ମୁଖ୍ୟ ନ୍ୟାୟାଧୀଶ କେ. ଜି. ବାଲକ୍ରିଷ୍ଣନ୍, ଏବଂ ନ୍ୟାୟମୂର୍ତ୍ତି ପି. ସଥାସିଭମ୍ ]**

*ପ୍ରଶାସନିକ ଆଇନ :*

*ପକ୍ଷପାତିତା - ଉଚ୍ଚ ନ୍ୟାୟାଳୟଙ୍କର ଶୃଙ୍ଖଳା ସମିତି ମନ୍ଦ ଆଚରଣ ପାଇଁ ଜଣେ ନ୍ୟାୟିକ ଅଧିକାରୀଙ୍କୁ ବରଖାସ୍ତ କରିବାକୁ ସୁପାରିଶ କଲେ - ରାଜ୍ୟ ସରକାରଙ୍କ ଦ୍ୱାରା ବରଖାସ୍ତ ହୋଇଥିବା ଅଧିକାରୀ - ନ୍ୟାୟିକ ପକ୍ଷରେ ଉଚ୍ଚ ନ୍ୟାୟାଳୟ ରେ ନ୍ୟାୟିକ ଅଧିକାରୀଙ୍କ ଦ୍ୱାରା ଆପତ୍ତି ହୋଇଥିବା ବରଖାସ୍ତ ଆଦେଶ - ଶୃଙ୍ଖଳା ସମିତିର ଜଣେ ସଦସ୍ୟଙ୍କୁ ବିଚାରପତି ଭାବରେ ବିବେଚନା କରି ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କଲେ - ଆବେଦନକୁ ଖାରଜ କରାଗଲା - ନିର୍ଣ୍ଣୟ ନିଆଗଲା : ଶୃଙ୍ଖଳା ସମିତି ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟ ସେହି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ଯାହା ଦ୍ୱାରା ଉଚ୍ଚ ନ୍ୟାୟାଳୟ, ନ୍ୟାୟିକ ଅଧିକାରୀଙ୍କୁ ବରଖାସ୍ତ କରିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିଲେ - ତେଣୁ, ଉକ୍ତ ଶୃଙ୍ଖଳା ସମିତିର ଜଣେ ସଦସ୍ୟଙ୍କ ପାଇଁ ସମ୍ପୂର୍ଣ୍ଣ ନ୍ୟାୟିକ କ୍ଷମତାରେ କାର୍ଯ୍ୟ କରୁଥିବାବେଳେ ସେହି ବରଖାସ୍ତ ଆଦେଶ ବିରୁଦ୍ଧରେ ଏକ ଆପତ୍ତି କରିବା ଉପରେ ନିଷ୍ପତ୍ତି ନେବା ଉଚିତ ନୁହେଁ -ଉଚ୍ଚ ନ୍ୟାୟାଳୟ ର ଆଦେଶ ବାତିଲ କରିଦିଆଗଲା ଏବଂ ଆଇନ ଅନୁଯାୟୀ ନୂତନ ନିଷ୍ପତ୍ତି ପାଇଁ ମାମଲାକୁ ଏହା ନିକଟକୁ ପଠାଇ ଦିଆଗଲା - ସିଦ୍ଧାନ୍ତ - ' ଜଣେ ତାଙ୍କ ନିଜ ଦ୍ୱାରା ଦିଆଯାଇଥିବା ଆଦେଶ ଉପରେ ନିଜେ ବିଚାରପତି ହୋଇ ପାରିବେ ନାହିଁ' - ଏହାର ପ୍ରୟୋଗ*

*ଅଶୋକ କୁମାର ଯାଦବ ବନାମ ହରିୟାଣା ରାଜ୍ୟ* **(1985) 4 SCC 417** ମାମଲା ଉପରେ ନିର୍ଭର କରିଥିଲା ।

**ନଜିର ସୂଚନା :**

**(1985) 4 SCC 417 ଅନୁଚ୍ଛେଦ 9 ଉପରେ ନିର୍ଭର କରାଗଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 472/2009 ।

ସ୍ୱତନ୍ତ୍ର ଦେୱାନୀ ଆବେଦନ ସଂଖ୍ୟା 6164/2002 ରେ ଅହମ୍ମଦାବାଦ ସ୍ଥିତ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର 25.7.2006 ତାରିଖର ରାୟ/ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ସଞ୍ଜୀବ କୁମାର ଏବଂ ଭେଙ୍କଟେଶ୍ୱର ରାଓ ଆନୁମୋଲୁ ।

ଉତ୍ତରଦାତାଙ୍କ ତରଫରୁ ସୁନୀଲ କୁମାର ଜୈନ ଏବଂ ଅନୀଶ ମିତ୍ତଲ ।

ନ୍ୟାୟାଳୟଙ୍କର ଆଦେଶ ପ୍ରଦାନ କରାଗଲା ।

**ଆଦେଶ**

1. ଅନୁମତି ପ୍ରଦାନ କରାଗଲା ।

2. 25 ଜୁଲାଇ, 2006 ତାରିଖରେ ଅହମ୍ମଦାବାଦ ସ୍ଥିତ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ଆଦେଶ ବିରୁଦ୍ଧରେ ବର୍ତ୍ତମାନର ଆବେଦନ ଦାଖଲ କରାଯାଇଛି, ଯାହା ସ୍ୱତନ୍ତ୍ର ଦେୱାନୀ ଆବେଦନ ସଂଖ୍ୟା 6164/2002 ରେ ପାରିତ ହୋଇଥିଲା, ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି ।

**ତଥ୍ୟ :**

3. ଆବେଦନକାରୀ ଜଣେ ନ୍ୟାୟିକ ଅଧିକାରୀ ଥିଲେ ଯିଏକି 1991 ରେ ଗୁଜରାଟ ନ୍ୟାୟିକ ସେବା ଏବଂ ଭରୁଚ ଜିଲ୍ଲା ଅଦାଲତରେ ଦେୱାନୀ ବିଚାରପତି (କନିଷ୍ଠ ବିଭାଗ) ଭାବରେ ନିଯୁକ୍ତ ହୋଇଥିଲେ । ଗୁଜରାଟ ଉଚ୍ଚ ନ୍ୟାୟାଳୟ (ଉତ୍ତରଦାତା) ଏକ ଅଭିଯୋଗ ଗ୍ରହଣ କରିଥିଲେ ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ ଜୁଆ ଅଧିନିୟମ ଅନୁଯାୟୀ ଅପରାଧିକ ମାମଲା ସଂଖ୍ୟା 2059/89 ଥିବା ଏକ ମାମଲା ଆବେଦନକାରୀଙ୍କ ଅଦାଲତରେ ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିଲା ଏବଂ ଆବେଦନକାରୀ ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ଏବଂ ଘଟଣା ସ୍ଥଳରୁ ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ଟଙ୍କା ମଧ୍ୟ ଫେରାଇ ଦେଇଥିଲେ । ଏହି ଅଭିଯୋଗ ଆଧାରରେ ଉତ୍ତରଦାତା ଆବେଦନକାରୀଙ୍କୁ ଏକ ଆରୋପ ପତ୍ର ଜାରି କରିଥିଲେ ଏବଂ

ଆବେଦନକାରୀ ତାଙ୍କର ଉତ୍ତର ଦାଖଲ କରିଥିଲେ । ଆବେଦନକାରୀଙ୍କ ବିରୋଧରେ ଏକ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଥିଲା ଏବଂ ସମ୍ପୃକ୍ତ ତଦନ୍ତ ଅଧିକାରୀ ଗୁଜୁରାଟର ଉଚ୍ଚ ନ୍ୟାୟାଳୟ ରେ ତାଙ୍କ ବିବରଣୀ ଦାଖଲ କରିଥିଲେ ଯେଉଁଥିରେ ସେ ଉଲ୍ଲେଖ କରିଥିଲେ ଯେ ଆବେଦନକାରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗ ପ୍ରମାଣିତ ହୋଇଛି । ଏହି ବିବରଣୀ ଆଧାରରେ ଆବେଦନକାରୀଙ୍କୁ କାରଣ ଦର୍ଶାଅ ସୂଚନା ଜାରି କରାଯାଇଥିଲା । ଆବେଦନକାରୀ ଏହି କାରଣ ଦର୍ଶାଅ ସୂଚନାର ଜବାବରେ  ନିଜର ଉତ୍ତର ଦାଖଲ କରିଥିଲେ । ଆବେଦନକାରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ, ଉଚ୍ଚ ନ୍ୟାୟାଳୟ  ନିଷ୍ପତ୍ତି ନେଲେ ଯେ ଆବେଦନକାରୀଙ୍କୁ ଏହି କ୍ଷେତ୍ରରେ ଚାକିରିରୁ ବରଖାସ୍ତ କରିବା ଉପଯୁକ୍ତ ହେବ । ଅକ୍ଟୋବର 25,2001 ତାରିଖର ଚିଠି ଦ୍ୱାରା, ଗୁଜୁରାଟ ଉଚ୍ଚ ନ୍ୟାୟାଳୟ, ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିଲେ ଯେ ଆବେଦନକାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଉ ଏବଂ ସେହି ଅନୁଯାୟୀ ଏକ ଆଦେଶ ପାରିତ କରାଯାଇଥିଲା ।

4. ଆବେଦନକାରୀ, ବ୍ୟଥିତ ହୋଇ, ଅହମ୍ମଦାବାଦ ସ୍ଥିତ ଗୁଜରାଟ ଉଚ୍ଚ ନ୍ୟାୟାଳୟରେ 2002 ର ସ୍ୱତନ୍ତ୍ର ଦେୱାନୀ ଆବେଦନ ସଂଖ୍ୟା 6164/2002 ଦାଖଲ କଲେ, ଯାହାକୁ  ଆକ୍ଷେପିତ ଆଦେଶ ଦ୍ୱାରା ଖାରଜ କରିଦିଆଗଲା ।

5. ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ବର୍ତ୍ତମାନର ଏହି ଆବେଦନ ।

6. ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତା , ଆମ ସମ୍ମୁଖରେ ଦାଖଲ କରିଛନ୍ତି ଯେ ଆବେଦନକାରୀଙ୍କ ଆବେଦନକୁ ପରିଚାଳନା କରୁଥିବା ଗୁଜୁରାଟ ଉଚ୍ଚ ନ୍ୟାୟାଳୟଙ୍କର ଶୃଙ୍ଖଳା ସମିତିର ସଦସ୍ୟମାନଙ୍କ ମଧ୍ୟରୁ ଜଣେ ସଦସ୍ୟ , ନ୍ୟାୟିକ ପକ୍ଷରେ ସ୍ୱତନ୍ତ୍ର ଦେୱାନୀ ଆବେଦନ ସଂଖ୍ୟା  6164/2002କୁ  ଶୁଣାଣି କରିଥିବା ଖଣ୍ଡପୀଠର ବିଚାରପତିମାନଙ୍କ ମଧ୍ୟରୁ ଜଣେ ଥିଲେ । ଉତ୍ତରଦାତାମାନଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଅଧିବକ୍ତାଙ୍କ ଦ୍ୱାରା ଏହି ତଥ୍ୟକୁ ବିରୋଧ କରାଯାଇ ନାହିଁ ।

7. ଏହାକୁ ଦୃଷ୍ଟିରେ ରଖି, ଆମର ମତ ହେଉଛି ଯେ ଆବେଦନକାରୀଙ୍କୁ ବରଖାସ୍ତ କରିବାକୁ ପରାମର୍ଶ ଦେଇଥିବା ଶୃଙ୍ଖଳା ସମିତିର ଅଂଶବିଶେଷ ଥିବା ବିଦ୍ୱାନ ବିଚାରପତି ପରବର୍ତ୍ତୀ ସମୟରେ ନ୍ୟାୟିକ ପକ୍ଷରେ ଏହି ମାମଲାର ଶୁଣାଣି କରିବା ଉଚିତ ନୁହେଁ । ବର୍ତ୍ତମାନର

ମାମଲାରେ, ଶୃଙ୍ଖଳା ସମିତି, ଆବେଦନକାରୀଙ୍କୁ ବରଖାସ୍ତ କରିବାକୁ ପରାମର୍ଶ ଦେଇଥିଲେ ଯାହା ଆଧାରରେ ଗୁଜରାଟର ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ପରବର୍ତ୍ତୀ ସୁପାରିଶ କରିଥିଲେ ।

୫. ଶୃଙ୍ଖଳା ସମିତି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି, ନ୍ୟାୟିକ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ଯାହା ଦ୍ୱାରା ଗୁଜୁରାଟର ଉଚ୍ଚ ନ୍ୟାୟାଳୟ, ଆବେଦନକାରୀଙ୍କୁ ବରଖାସ୍ତ କରିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିଲେ । ତେଣୁ ଉକ୍ତ ଶୃଙ୍ଖଳା ସମିତିର ଜଣେ ସଦସ୍ୟ, ସମ୍ପୂର୍ଣ୍ଣ ନ୍ୟାୟିକ କ୍ଷମତାରେ କାର୍ଯ୍ୟ କରୁଥିବାବେଳେ ତାଙ୍କ ଦ୍ୱାରା ଦିଆଯାଇଥିବା ସମାନ ବରଖାସ୍ତ ଆଦେଶ ବିରୁଦ୍ଧରେ ଏକ ଆପତ୍ତି ଉପରେ, ସେ ନିଷ୍ପତ୍ତି ନେବା ଉଚିତ ନୁହେଁ ।

୨. ଏହା ପ୍ରାକୃତିକ ନ୍ୟାୟର ଏକ ସ୍ୱୀକୃତିପ୍ରାପ୍ତ ନୀତି ଯେ ଜଣେ ବ୍ୟକ୍ତି ନିଜ ଦ୍ୱାରା ଦିଆଯାଇଥିବା ଆଦେଶ ଉପରେ ବିଚାରପତି ହେବା ଉଚିତ୍ ନୁହେଁ । କମନ୍ ଲ' ରେ , ଏହି ନୀତି ଲାଟିନ ଉକ୍ତି - 'ନେମୋ ଡେବେଟ୍ ଏସ୍ସେ ଜୁଡେକ୍ସ ଇନ୍ ପ୍ରୋପ୍ରିଆ ସୁଆ କୌସା' ରୁ ଉତ୍ପନ୍ନ ହୋଇଛି । ଏହି ନୀତିର ଏକ ଯୁକ୍ତିଯୁକ୍ତ କ୍ରମବିକାଶ ହେଉଛି ଯେ କୌଣସି ବିଚାରପତି ଏକ ବିବାଦର ବିଚାର କରିବା ଉଚିତ୍ ନୁହେଁ ଯାହାକୁ ସେ ଏକ ସମ୍ପୂର୍ଣ୍ଣ ନ୍ୟାୟିକ କ୍ଷମତା ବ୍ୟତୀତ ଅନ୍ୟ କୌଣସି କ୍ଷମତାରେ ବିଚାରକୁ ନେଇଛନ୍ତି । ଏହି ନୀତିକୁ ପାଳନ କରିବାରେ ବିଫଳତା ଉକ୍ତ ବିଚାରପତିଙ୍କ କ୍ଷେତ୍ରରେ ପକ୍ଷପାତିତାର ଆଶଙ୍କା ସୃଷ୍ଟି କରେ । ଏଠାରେ *ଅଶୋକ କୁମାର ଯାଦବ ବନାମ ହରିୟାଣା ରାଜ୍ୟ,* (1985) C 4 SCC 417 ମାମଲାରେ ନ୍ୟାୟମୂର୍ତ୍ତି ପି. ଏନ୍. ଭଗବତୀଙ୍କ ମନ୍ତବ୍ୟକୁ ଉଲ୍ଲେଖ କରିବା ଉପଯୋଗୀ ହେବ ।

" ଆମର ଆଇନ ଶାସ୍ତ୍ରର ଏକ ମୌଳିକ ନୀତି ହେଉଛି ଯେ କୌଣସି ବ୍ୟକ୍ତି ନିଜ ଦ୍ୱାରା ଦିଆଯାଇଥିବା ଆଦେଶରେ ବିଚାରପତି ହୋଇପାରିବେ ନାହିଁ । ପ୍ରଶ୍ନ ଏହା ନୁହେଁ ଯେ ବିଚାରପତି ପ୍ରକୃତରେ ପକ୍ଷପାତୀ କିମ୍ବା ବାସ୍ତବରେ ପକ୍ଷପାତୀ ନିଷ୍ପତ୍ତି ନେଇଛନ୍ତି କି , କିନ୍ତୁ ପରିସ୍ଥିତି ଏପରି କି ଯାହା ଅନ୍ୟମାନଙ୍କ ମନରେ ଏକ ଯୁକ୍ତିଯୁକ୍ତ ଆଶଙ୍କା ସୃଷ୍ଟି କରେ ଯେ ପକ୍ଷପାତିତା , ନିଷ୍ପତ୍ତି ଉପରେ ପ୍ରଭାବ ପକାଇବାର ସମ୍ଭାବନା ଅଛି କି ? ଯଦି ପକ୍ଷପାତିତା ହେବାର ଯୁକ୍ତିଯୁକ୍ତ ସମ୍ଭାବନା ଥାଏ, ତେବେ ଏହା ପ୍ରାକୃତିକ ନ୍ୟାୟ ଏବଂ ସାଧାରଣ ଜ୍ଞାନ ଅନୁଯାୟୀ ହୋଇଥାଏ ଯେ ବିଚାରପତି ଏତେ ପକ୍ଷପାତିତା କରିବାର ସମ୍ଭାବନା ଥାଏ, ତେବେ ସେହି କ୍ଷେତ୍ରରେ ତାଙ୍କୁ ବିଚାରପତି କରାଯିବା ଉଚିତ ନୁହେଁ । ଏହି ନିୟମର ଅନ୍ତର୍ନିହିତ ମୌଳିକ ନୀତି ହେଉଛି ଯେ ଏଠାରେ କେବଳ ନ୍ୟାୟ ହେବା ଉଚିତ ନୁହେଁ ବରଂ ଏହା ହୋଇଥିବା ପରି ମଧ୍ୟ ଦେଖାଯିବା ଉଚିତ୍ । "

10. ତଦନୁସାରେ, ଆମେ ଏହି ଆବେଦନକୁ ଗ୍ରହଣ କରୁଛୁ, ଅହମ୍ମଦାବାଦ ସ୍ଥିତ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ଆଦେଶକୁ ବାତିଲ କରି ଆଇନ ଅନୁଯାୟୀ ଏହାର ନୂତନ ନିଷ୍ପତ୍ତି ନେବା ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଉଛୁ ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।